# ଦୁଇଟି ଦୁର୍ଘଟଣା: ୨ ମୃତ, ୩୧ ଆହତ

**ସମ୍ବଲପୁର, ୧୮।୬/ଏନ୍‌ଏନ୍‌ଏସ୍:** ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୧ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ ଗତ ବିଳମ୍ବିତ ରାତ୍ରି ପ୍ରାୟ ୧୨ଟା ୩୦ମିନିଟ୍ ସମୟରେ ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଜଗବନ୍ଧୁ ନାମକ ଏକ ଘରୋଇ ବସ୍ ନକ୍ସାପାଲି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡିବାରୁ ଜଣେ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ୍ୟୁବରଣ କରିଥିବା ବ୍ୟକ୍ତି ହେଲେ ପୁରୀ ନିମାପଡ଼ାର ମୂଳବାସିନ୍ଦା ତଥା ବରଗଡ଼ ରେଲଷ୍ଟେସନ୍ ନିକଟରେ ରହୁଥିବା ପ୍ରମୋଦ କୁମାର ବରାଳ(୩୮)। ପ୍ରମୋଦ ନିଜ ସ୍ତ୍ରୀ ଓ ଦୁଇ ଝିଅମାନଙ୍କ ସହ ଶାଳକ ବାହାଘରରେ ଯୋଗଦେବାକୁ ନିମାପଡ଼ା ଯାଉଥିଲେ। ତେବେ ଏହି ଘଟଣାରେ ପରିବାର ଅନ୍ୟ ସଦସ୍ୟ ସାମାନ୍ୟ ଆହତ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କେତକୀ ସାହୁ(୭୦)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ୩ ଜଣ, ମାନଗୋବିନ୍ଦ ମଲ୍ଲିକ, ଘନଶ୍ୟାମ ମଲ୍ଲିକ ଓ ଫୁଲ ଡାଣ୍ଡିଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆହତ ଲାଗିଥିବାରୁ ସଦର ଡାକ୍ତରଖାନା ସର୍ଜରୀ ୱାର୍ଡରେ ଚିକିତ୍ସାଧୀନ ରହିଛନ୍ତି।

ସୂଚନା ଅନୁଯାୟୀ ଜଗତବନ୍ଧୁ ନାଇଟ୍ କୋଚ୍ ବସ୍ ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ତେବେ ଗୋଡ଼ଭଗା ଛକରେ ଏକ ସଡ଼କ ଦୁର୍ଘଟଣା ଯୋଗୁଁ ରାସ୍ତା ଜାମ ଥିବାରୁ ସେଠାରେ ପ୍ରାୟ ୨ ଘଣ୍ଟା ଅଟକି ରହିଥିଲା। ପରେ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱରରେ ପହଞ୍ଚିବା ପାଇଁ ବସ୍‌ଟି ଦ୍ରୁତଗତିରେ ଯାତ୍ରା ଆରମ୍ଭ କରିଥିଲା। ସମ୍ବଲପୁରରୁ ମାତ୍ର ୪/୫ କିମି ଯିବା ପରେ ନକ୍ସାପାଲି ଛକ ନିକଟରେ ସମ୍ମୁଖ ଭାଗରେ ଯାଉଥିବା ଆଉଏକ ଯାତ୍ରୀବାହୀ ନାଇଟ୍‌କୋଚ୍ ବସ୍ ମା' ମଙ୍ଗଳାକୁ ପଛରୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

ପ୍ରକାଶଯୋଗ୍ୟ, ପୂର୍ବରୁ ଏକ ମାଲବୋଝେଇ ଟ୍ରକ୍ ବ୍ରେକଡାଉନ୍ ହୋଇ ରାସ୍ତା ମଝିରେ ଛିଡ଼ା ହୋଇଥିଲା। ଅନ୍ଧାରୁଆ ସ୍ଥାନ ହୋଇଥିବାରୁ ଆଗରେ ଯାଉଥିବା ମା' ମଙ୍ଗଳା ବସ୍ ହଠାତ୍ ବ୍ରେକ୍ ଦେବାରୁ ପଛରେ ଆସୁଥିବା ଜଗତବନ୍ଧୁ ବସ୍‌ର ଡ୍ରାଇଭର ଗାଡ଼ିକୁ ନିୟନ୍ତ୍ରଣରେ ରଖିନପାରି ମା' ମଙ୍ଗଳା ବସ୍‌କୁ ପଛପଟରୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଖବର ପାଇ ପୁଲିସ, ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଲୋକେ ଝରକା କାଚ ଭାଙ୍ଗି ଆହତଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ସଦର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସମାନ୍ୟ ଆହତ ହୋଇଥିବା ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛଡାଯାଇଥିବା ଜଣାପଡ଼ିଛି। ଧନୁପାଲି ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଦୁର୍ଘଟଣା ଘଟିବା ପରେ ବସ୍ ଡ୍ରାଇଭର, ହେଲପର୍ ଓ କଣ୍ଡକ୍ଟର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୁଲିସ ପ୍ରକାଶ କରିଛି। ସେହିପରି ଅନ୍ୟଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ସଦରଥାନା ଅନ୍ତର୍ଗତ ଚୌଧୁରୀଛକରେ ରାତ୍ରି ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏକ କମାଣ୍ଡର ଜିପ୍‌ରେ ୪ ଜଣ ସର୍ଲାକାନୀରୁ ଠେମରା ଯାଉଥିବା ବେଳେ ସମ୍ମୁଖ ଭାବରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ସାକ୍ଷୀପଡ଼ା ଦୁର୍ଗାମଣ୍ଡପ ନିକଟସ୍ଥ ପାର୍ଥ ସାରଥୀ ଘୋଷ(୬୩)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଃଖୀଶ୍ୟାମ ଠେମରିଆ, ବାବୁଲାଲ ପାନା ଓ ଲଲୀନ ଖୁଲେଇ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ସଦର ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଯାତ୍ରୀ ପରିବହନକୁ ନେଇ ନାନାଦି ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିବହନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଟିଏ ପରେ ଗୋଟିଏ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେଉଛି। ଯାତ୍ରୀବାହୀ ବସ୍‌ରେ ସାମଗ୍ରୀ ନେବା ପାଇଁ ନିୟମ ନଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଫଳରେ ଅନେକ ସମୟରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ବହୁ ଧନଜୀବନ ନଷ୍ଟ ମଧ୍ୟ ହେଉଛି।

## ବସ୍‌ରେ ୧୩୩ ପ୍ୟାକେଟ୍ ଧାନ



ଯାତ୍ରୀବାହୀ ବସ୍‌ରେ ସାମଗ୍ରୀ ପରିବହନ ପାଇଁ ଅନୁମତି ନଥିଲେ ମଧ୍ୟ ରୀତିମତ ଭାବେ ନାଇଟକୋଚ୍ ବସ୍‌ଗୁଡିକରେ ଟନ୍ ଟନ୍ ସାମଗ୍ରୀ ବିନା ଦ୍ୱିଧାରେ ପରିବହନ ହେଉଛି। ଜଗତବନ୍ଧୁ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣା ହେବା ପଛରେ ବସ୍‌ରେ ଥିବା ୧୩୩ ପ୍ୟାକେଟ୍ ଧାନକୁ ଅନ୍ୟତମ କାରଣ ଭାବେ ଗଣନା କରାଯାଉଛି। ପୁଲିସ ସୂଚନା ଅନୁଯାୟୀ ବରଗଡ଼ର ଏକ କମ୍ପାନୀ ପକ୍ଷରୁ କେନ୍ଦ୍ରାପଡ଼ା ପାଇଁ ବସ୍‌ରେ ୧୩୩ ପ୍ୟାକେଟ୍ ଧାନ ଲୋଡ୍ କରାଯାଇଥିଲା।

ଗୋଟିଏ ପ୍ୟାକେଟ୍‌ରେ ୨୫ କେଜି କରି ଧାନ ରହିଥିବାରୁ ବସ୍‌ରେ ୩ ଟନ୍ ଧାନ ଲୋଡ୍ ହୋଇଥିଲା। ମାତ୍ରାଧିକ ପରିମାଣରେ ଧାନ ଲୋଡ୍ ହେବା ଓ ବସ୍‌ଟି ସମ୍ମୁଖରେ ଯାଉଥିବା ଅନ୍ୟ ଯାତ୍ରୀବାହୀ ବସ୍‌କୁ ପଛରୁ ଧକ୍କା ଦେବା ପରେ ଉପରେ ଥିବା ଧାନ ଯୋଗୁଁ ଗାଡ଼ିଟି ଭାରସାମ୍ୟ ରକ୍ଷା କରିନପାରି ରାସ୍ତାକଡ଼କୁ ଓଲଟି ପଡିଥିବା ଅନୁମାନ କରାଯାଉଛି। ଯାତ୍ରୀବାହୀ ବସ୍‌ରେ ମାଲ ପରିବହନ ପାଇଁ ଅନୁମତି ନଥିଲେ ମଧ୍ୟ ଏଥିରେ ଏତେ ପରିମାଣର ଧାନ କିଭଳି ଯାଉଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସମ୍ବଲପୁର ପରିବହନ ବିଭାଗ ଏମ୍‌ଭିଆଇ ବୈଭବ ସାମନ୍ତ ସିଂ ରାୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯାତ୍ରୀବାହୀ ବସ୍‌ରେ ମାଲ ପରିବହନ ପାଇଁ ଅନୁମତି ନଥିବା ପ୍ରକାଶ କରିବା ସହ ପ୍ରାଥମିକ ଭାବେ ୩ ମାସ ପାଇଁ ଡ୍ରାଇଭର୍‌ର ଲାଇସେନ୍ସ ରଦ୍ଦ କରିବା ସହ ବସ୍‌ର ଫିଟନେସ୍ ମଧ୍ୟ ରଦ୍ଦ କରାଯିବ। ଏଥିସହିତ ନିୟମ ଉଲ୍ଲଂଘନ କରିଥିବାରୁ ୨୫୦୦ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ ଆଦାୟ କରାଯିବ। ତେବେ ଆଜି ରବିବାର ହୋଇଥିବାରୁ ଦୁର୍ଘଟଣା ବାବଦ କୌଣସି ରିପୋର୍ଟ ଅସିପାରିନାହିଁ। ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଶ୍ରୀ ସିଂ ରାୟ ସୂଚନା ଦେଇଛନ୍ତି।